# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 25 February – 2026

---

## ବଜେଟ୍ ଅଧିବେଶନ ଶେଷ

ସପ୍ତଦଶ ଓଡ଼ିଶା ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଗତକାଲି ଶେଷ ହୋଇଛି। ଆସନ୍ତା ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ ବୋଲି ବାଚସ୍ପତି ସୁରମା ପାଢ଼ୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୦ ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିଥିଲେ । ଆସନ୍ତା ୧୦ ତାରିଖରୁ  ବଜେଟ୍ ଖର୍ଚ୍ଚଦାବି ନେଇ ଆଲୋଚନା ହେବ ବୋଲି ବିଧାନସଭା ପକ୍ଷରୁ ସୂଚନା ଦିଆଯାଇଛି ।

---

## ମୁଖ୍ୟମନ୍ତ୍ରୀ- ବଜେଟ୍ ଆଲୋଚନା

୨୦୨୬-୨୭ ଆର୍ଥିକବର୍ଷ ପାଇଁ ଉପସ୍ଥାପିତ ହୋଇଥିବା ରାଜ୍ୟ ବଜେଟ୍ କେବଳ ଆୟ ବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ବରଂ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ବଜେଟ୍‌ର ସାଧାରଣ ଆଲୋଚନା ଉପରେ ଉତ୍ତର ରଖି ଶ୍ରୀ ମାଝୀ କହିଛନ୍ତି, ମୋଟ୍ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍‌ରେ ପ୍ରତ୍ୟେକ କ୍ଷେତ୍ରର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି । ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ ସମୃଦ୍ଧ କୃଷକ ଯୋଜନାରେ ଅଧିକ ସବ୍‌ସିଡ୍ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଓଡ଼ିଶାକୁ ଫାର୍ମା କ୍ୟାପିଟାଲ୍ କରିବା, ପର୍ଯ୍ୟଟନ ଶିଳ୍ପର ବିକାଶ  ପାଇଁ ସରକାର

ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହା ସହ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି । ମହିଳା ଓ ଶିଶୁ କୈନ୍ଦ୍ରିକ ନୀତି ଏବଂ କଲ୍ୟାଣମୂଳକ ଯୋଜନା ପାଇଁ ମଧ୍ୟ ବଜେଟ୍‌ରେ ୧୮ ହଜାର ୯୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ସବୁଠାରୁ ସମୃଦ୍ଧ ରାଜ୍ୟ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଦୋଳପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ଆସନ୍ତା ମାସ ୩ ତାରିଖରେ ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ଓ ୨ ତାରିଖ ଶ୍ରୀମନ୍ଦିରରେ ଭିତରକାଠ ଦର୍ଶନ ବନ୍ଦ ରଖାଯିବ । ୩ ତାରିଖ ବିଳମ୍ବିତ ରାତିରେ  ଦ୍ୱାର ଫିଟାଯାଇ ବିଭିନ୍ନ ନୀତିକାନ୍ତି କରାଯିବା ସହିତ ସକାଳ ୬ଟା ସୁଦ୍ଧା ଠାକୁରମାନେ ବିମାନକୁ ବିଜେ କରିବେ। ଗ୍ରହଣ ପରେ ଅପରାହ୍ଣ ୪ଟାବେଳକୁ ମହାପ୍ରଭୁଙ୍କର ଗ୍ରହଣ ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ଏହା ପରେ ରାତି ୮ଟାରୁ ସାଢ଼େ ୯ଟା ମଧ୍ୟରେ ମହାପ୍ରଭୁଙ୍କର ସୁନାବେଶ କରାଯିବାକୁ ସ୍ଥିର ହୋଇଛି ।

# ଶ୍ରୀମନ୍ଦିର-ମାର୍ଗଦର୍ଶିକା

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ମାର୍ଗଦର୍ଶିକାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ଆସନ୍ତା ସପ୍ତାହରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଣତି ମଣତି ନେଇ ତାରିଖ ଓ ଶୁଭ ମୁହୂର୍ତ୍ତ ସ୍ଥିର କରାଯିବ ବୋଲି ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ।

# ଟେରାକୋଟା-ବିଶ୍ୱ ରେକର୍ଡ

ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତିରେ ଓଡ଼ିଶାର ୭ ଜଣ କାରିଗର ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏହା ସହ ଏକକାଳୀନ ୧ ହଜାର ମୃତ୍ତିକା ଶିଳ୍ପୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ବରଗଡ଼ ଜିଲ୍ଲାର ସେବକ ରଣା ୧ ଘଣ୍ଟାରେ ସର୍ବାଧିକ ୩୧୦ଟି ଗ୍ଲାସ୍ ପ୍ରସ୍ତୁତ କରିଛନ୍ତି । କାରିଗରଙ୍କ କୀର୍ତ୍ତିମାନ ୱାର୍ଲଡ୍ ବୁକ୍ ଅଫ୍ ରେକର୍ଡସ୍‌ରେ ଲିପିବଦ୍ଧ ହୋଇଛି ।

# ସୂଚନା ଅଧିକାର କର୍ମଶାଳା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀକକ୍ଷରେ ଜିଲ୍ଲାର ସମସ୍ତ ଜନସୂଚନା ଅଧିକାରୀ ଓ ଅତିରିକ୍ତ ଜନସୂଚନା ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ-୨୦୦୫ ଉପରେ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

# ଶିଶୁ ସୁରକ୍ଷା

ଭଦ୍ରକ ଜିଲ୍ଲାପ୍ରଶାସନ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ **ଶିଶୁଙ୍କ ଆବଶ୍ୟକତା ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତି** ସଂପର୍କରେ ଆଲୋଚନା କରାଯାଇଥିଲା ।

# ନିଯୁକ୍ତିମେଳା

କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ନିଯୁକ୍ତିଦାତା କମ୍ପାନୀ ଏବଂ ୯ଟି ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ ।

# ସଚେତନତା ଶିବିର

ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ସଂପର୍କିତ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

# କର୍ମଶାଳା

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସମ୍ବଲପୁର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ

ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହିତ ଅଗ୍ରଗତି କରିପାରିବେ, ସେ ସଂପର୍କରେ ଆଲୋଚନା କରାଯାଇଥିଲା ।

# ବାଲ୍ୟ ବିବାହ

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକର ଖାତିଗୁଡ଼ା ଥାନା ଅଞ୍ଚଳରେ ଚାଲିଥିବା ଏକ ବାଲ୍ୟବିବାହକୁ ରୋକାଯାଇଛି । ନବରଙ୍ଗପୁର ଶିଶୁ କଲ୍ୟାଣ କମିଟି ପକ୍ଷରୁ ନାବାଳିକାକୁ ସର୍ଟଷ୍ଟେ ହୋମ୍‌ରେ ରଖାଯାଇଛି ।

# ନାକଟେଶ୍ୱରୀ ଯାତ୍ରା

ମାଲକାନଗିରି ଜେଲ୍‌ସାହି ସ୍ଥିତ ମା’ ନାକଟେଶ୍ୱରୀ ଯାତ୍ରା ମଧ୍ୟରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଯାତ୍ରାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

# ପାଣିପାଗ

ଓଡ଼ିଶାର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଯଶୀପୁରଠାରେ ସର୍ବାଧିକ

୪୦ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଏହାର ପ୍ରଭାବରେ ଆସନ୍ତା ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

........................................................................................